ଶନିବାର ,୧୪ ମେ, ୨୦୨୨

# ପିଲାଙ୍କ ଧରିତ୍ରୀ



# ଗପ
# ସାନୁ ହେଲା ଭଲ ପିଲା

ଶଙ୍କରପୁର ଗାଁରେ ସାନୁର ଘର। ପାଖ ବରାଳପୋଖରୀ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପାଠ ପଢ଼େ। କିନ୍ତୁ ସେ ସବୁଦିନେ ସ୍କୁଲକୁ ଯାଏ ନାହିଁ। ସ୍କୁଲକୁ ଯିବାବେଳେ ଅଟକି ଯାଇ ଘରୁ ନେଇଥିବା ପଇସାରେ ଗୁପ୍‌ଚୁପ୍, ଚାଟ୍, ବରା, ପିଆଜି ଖାଇ କେଉଁ ଲୋକ ଘରେ ଲୁଚିଯାଏ। ୪ଟା ବାଜିଲେ ଘରକୁ ଫେରେ। ଏମିତି ତା'ର ଦୁଷ୍ଟାମି ଏତେ ବଢ଼ି ଗଲା ଯେ ବେଳେବେଳେ ବାପା ପକେଟରୁ ଟଙ୍କା ପଇସା ଚୋରି କରି ପାଖ ହଲ୍‌ରେ ସିନେମା ଦେଖିଲା। ତା'ର ବଦମାସ ଗୁଣ ବଢ଼ିବଢ଼ି ଚରମ ସୀମାରେ ପହଞ୍ଚିଲା। କେତେବେଳେ ଯଦି ବାପା ପକେଟରୁ ଟଙ୍କା ନ ପାଇଲା ବାପା ମାଆକୁ ଧମକ ଦେଇ ପଇସା ନ ଦେଲେ ଆତ୍ମହତ୍ୟା କରିବ ବୋଲି ଜିଦ୍ ଧରିଲା। ବାପା ଟଙ୍କା ଦେଲେ ସିନେମା ଦେଖିବା ଓ ଜୁଆ ଖେଳରେ ପଇସା ଉଡ଼ାଇଲା। କ'ଣ କରିବେ? ବାପା ମା' ବଡ ଦୁଶ୍ଚିନ୍ତାରେ ପଡ଼ିଲେ। ଏମିତି କୁଳାଙ୍ଗାର ପୁଅଟିଏ ଜନ୍ମ ଦେଇ କି ଭୁଲ କରିଛୁ? ଏକଥା ଭାବି ଭାବି ସେମାନେ କଷ୍ଟା ହୋଇଗଲେ। ପଡ଼ୋଶୀଙ୍କ ପରାମର୍ଶରେ ମା' ବାପା ଜଣେ ପଣ୍ଡିତଙ୍କ ଘରକୁ ପୁଅର ଏଭଳି ଆଚରଣ ପାଇଁ ବୁଝିବାକୁ ଗଲେ ଓ ପୁଅ ବିଷୟରେ ତାଙ୍କୁ ସବୁକଥା କହିଲେ।



ପଣ୍ଡିତ ସବୁ ଶୁଣି ତାଙ୍କ ପାଖରେ ପୁଅକୁ ଛାଡ଼ି ଦେବାକୁ ସେ ମା' ବାପାଙ୍କୁ ଜଣାଇଲେ। ସେମାନେ ସାନୁକୁ ବହୁତ ବୁଝାଇ ସେହି ପଣ୍ଡିତଙ୍କ ପାଖରେ ଛାଡ଼ି ଦେଲେ। ପଣ୍ଡିତ ପ୍ରଥମ ଦୁଇ ଦିନ ସାନୁ ସହ କିଛି କଥା ହେଲେ ନାହିଁ। ତୃତୀୟ ଦିନ ସେ ତାକୁ ଡକାଇ ସବୁକଥା ବୁଝାଇଲେ। ସାନୁ ସିନେମା ଦେଖିବାକୁ ତାଙ୍କ ପାଖରେ ଜିଦ୍ ଧରିଲା। ପଣ୍ଡିତ ତାକୁ ସିନେମା ଦେଖିବାକୁ ଟଙ୍କା ଦେଲେ ଓ କହିଲେ "ତୁମର ଯାହା ଅଭ୍ୟାସ ଅଛି ମୁଁ ସବୁଥିରେ ସୁଯୋଗ ଦେବି"। ଏ କଥାରେ ସାନୁ କିଛି ଦିନ ପରେ ଭାବିଲା, ଜଣେ ପଣ୍ଡିତ ମୋର ଏସବୁ କଥାରେ ସଙ୍ଗେ ସଙ୍ଗେ ରାଜି ହୋଇ ଯାଉଛନ୍ତି। କାରଣ କ'ଣ? ସେ କିଛି ବୁଝିପାରିଲା ନାହିଁ। ଦିନେ ଦୁଇ ଦିନ ଗଲା। ପଣ୍ଡିତ ତାକୁ ଡାକି କହିଲେ, "ସାନୁ ତୁମେ ଯେଉଁ ସିନେମା ଦେଖୁଛ ତା'ପର ଦିନ ମୋତେ ଶୁଣେଇବ। ସେ ଏମିତି ତାଙ୍କୁ କାହାଣୀ ଶୁଣେଇବା ଯୋଗୁ ଆଉ ସେଦିନ ସିନେମା ଦେଖିବାକୁ ଯାଇପାରିଲା ନାହିଁ। ପୁଣି କିଛି ଦିନ ପରେ ପଣ୍ଡିତ ସିନେମାର କାହାଣୀ ଲେଖି ଆଣିବାକୁ ତାକୁ କହିଲେ। ସେ ଗୋଟିଏ ଦିନ ଭିତରେ କାହାଣୀ ଲେଖି ନ ପାରିବାରୁ ୨/୩ ଦିନ ସିନେମା ଦେଖା ତା'ର ବନ୍ଦ ହୋଇଗଲା। ଦୈନିକ ଶୁଣେଇବା ଓ ପୁଣି ଲେଖିକରି ପଣ୍ଡିତଙ୍କୁ ଦେବା ଯୋଗୁ ସାନୁର ସିନେମା ଦେଖା ପ୍ରାୟ ବନ୍ଦ ହୋଇଗଲା। ପରେ ସେ ଆଗରୁ ଦେଖିଥିବା ସିନେମାର ସୁନ୍ଦର ସୁନ୍ଦର କାହାଣୀ ଲେଖି ଚାଲିଲା। ଥରେ ଏକ ସିନେମା ପ୍ରଯୋଜକ ପଣ୍ଡିତଙ୍କ ପାଖକୁ ଆସିଥିଲେ। ସେ ସାନୁର କାହାଣୀ ତାଙ୍କୁ ଦେଖାଇଲେ। ସେସବୁ ପଢ଼ି ପ୍ରଯୋଜକ ଖୁବ୍ ପ୍ରଶଂସା କଲେ। କହିଲେ "ସାନୁ ଜଣେ ଭଲ ସିନେମା ଲେଖକ ହେବ"। ଧୀରେ ଧୀରେ ସାନୁର ବିରାଟ ପରିବର୍ତ୍ତନ ଘଟିଲା। ସେ କେବଳ ଜଣେ ଲେଖକ ନୁହେଁ, ସିନେମା ଜଗତର ଭଲ କଳାକାର ପାଲଟିଗଲା। ଥରେ ପଣ୍ଡିତ ସାନୁର ମା' ବାପାଙ୍କୁ ପାଖକୁ ଡକାଇ ତା ବିଷୟରେ କହିଲେ। ସାନୁର ଏଭଳି ପରିବର୍ତ୍ତନ ଓ ଜୀବନଧାରାର ବିକାଶ ପାଇଁ ସେମାନେ ପଣ୍ଡିତଙ୍କ ପାଖରେ ଗଭୀର କୃତଜ୍ଞତା ଜ୍ଞାପନ କଲେ। ସାନୁର ସୁଖ୍ୟାତି ଚାରିଆଡ଼େ ବ୍ୟାପି ଗଲା। ସମସ୍ତଙ୍କଠାରୁ ପ୍ରଶଂସା ଶୁଣି ସାନୁର ମା' ବାପା ବହୁତ ଖୁସି ହୋଇଗଲେ। ସୁତରାଂ ଆମେମାନେ ବାଲ୍ୟକାଳରୁ ପିଲାଙ୍କର ଗୁଣର ବିକାଶ ପାଇଁ ସୁଯୋଗ ଦେଲେ ଭବିଷ୍ୟତରେ ତାଙ୍କ ପ୍ରତିଭାର ଉନ୍ମେଷ ଘଟିପାରିବ, ଯାହାର ଶହଶହ ଉଦାହରଣ ସମାଜରେ ଅଛି।

**–ଶଶଧର ମହନ୍ତୀ**
ଶିକ୍ଷକ,ବରାଳପୋଖରୀ, ଚରମ୍ପା, ଭଦ୍ରକ
ମୋ: ୭୯୭୮୫୦୯୯୪୭

## ଖିଲି ଖିଲି ହସ

(ଚିଣ୍ଟୁ ଓ ଜଣେ ଅଜଣା ବ୍ୟକ୍ତିଙ୍କ ମଧ୍ୟରେ କଥାବାର୍ତ୍ତା....)

**ଅଜଣା ବ୍ୟକ୍ତି:** ପୁଅ ତୁମ ବାପାଙ୍କର ନାଁ କ'ଣ?
**ଚିଣ୍ଟୁ:** ଅଙ୍କଲ୍, ମୁଁ ତାଙ୍କ ନାଁ ଏପର୍ଯ୍ୟନ୍ତ କିଛି ରଖିନାହିଁ କେବଳ ସ୍ନେହରେ ବାପା ବୋଲି ଡାକୁଛି।

(ମାଆ ଓ ପୁଅ ମଧ୍ୟରେ କଥାବାର୍ତ୍ତା....)

**ପୁଅ:** ମାମା ମୁଁ କ'ଣ ଭଗବାନଙ୍କ ପରି ଦେଖାଯାଏ?
**ମାଆ:** ଏମିତି କାହିଁକି ପଚାରୁଛୁ ପୁଅ?
**ପୁଅ:** କାରଣ ମୁଁ ଯୁଆଡ଼େ ବି ଗଲେ ସମସ୍ତେ କହୁଛନ୍ତି, ଭଗବାନ ଇଏ ପୁଣି ଆସିଗଲା।

(ବାପ ଓ ପୁଅ ମଧ୍ୟରେ କଥାବାର୍ତ୍ତା...)

**ପୁଅ:** ତୁମ ମୁଣ୍ଡରେ ଦୁଇଟା ଚୁଟି ଧଳା କାହିଁକି ହୋଇଯାଇଛି?
**ବାପା:** ଯେଉଁ ପିଲାମାନେ ତାଙ୍କ ବାପାଙ୍କୁ ବେଶି ହଇରାଣ କରନ୍ତି ଚୁଟି ସେତେ ଧଳା ହୋଇଯାଏ।
**ପୁଅ:** ଓହୋ ତାହାହେଲେ ମୁଁ ଏବେ ବୁଝିଲି ଜେଜେଙ୍କ ଚୁଟି ଏତେ ଧଳା କ'ଣ ପାଇଁ ହୋଇଛି।

## ବିନ୍ଦୁ ଯୋଡ଼



## ମତାମତ

▶▶ ଏଥର ପିଲାଙ୍କ ଧରିତ୍ରୀରେ ସ୍ଥାନିତ ମା' ପାଇଁ ପଦେ ସତରେ ଚମତ୍କାର ଲାଗିଲା।

**–ଜୟଶ୍ରୀ ନନ୍ଦ, କ୍ରୀଡାଶପୁର, ନୟାଗଡ଼**

▶▶ ଆଇନା ପୃଷ୍ଠାରେ ପ୍ରକାଶ ପାଉଥିବା କୁନି ପିଲାଙ୍କ ଫଟୋ ସୁନ୍ଦର ହୋଇଛି।

**– ସୁନନ୍ଦ ଦାସ, ଭୋଗରାଇ, ବାଲେଶ୍ୱର**

▶▶ 'ଈଶ୍ୱର ଅଛନ୍ତି' ଗପଟି ବହୁତ ଭଲ ଲାଗିଲା। ବୃଦ୍ଧଙ୍କ ଈଶ୍ୱର ବିଶ୍ୱାସ ତାଙ୍କୁ ବିପଦ ସମୟରେ ରାସ୍ତା ବତାଇଲା

**–ଇପ୍ସିତା କର, କୁଚିଣ୍ଡା, ସମ୍ବଲପୁର**

▶▶ 'ଏଥରର ପ୍ରଶ୍ନ'ସ୍ତମ୍ଭରେ ପ୍ରକାଶ ପାଉଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ପାଇଁ ଭଲ ଲାଗୁଛି।

**–ସାଇନା ରାୟ, ଦଶରଥପୁର, ଯାଜପୁର**

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ ଫଟୋ ସହ ପୁରା ନାମ, ବୟସ, ଠିକଣା ; ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ



ବହି ହେଉଛି ଜ୍ଞାନର ଭଣ୍ଡାର। ବହି ପଢ଼ିବା ଦ୍ୱାରା ଆମର ଧୀ ଶକ୍ତି ବଢ଼ିବା ସହିତ ଆମେ ଜିଜ୍ଞାସୁ ହୋଇଥାଉ। ତେବେ ଏହା ଯେ କେବଳ ପାଠ୍ୟକ୍ରମରେ ଥିବା ବହି ପଢ଼ାରେ ସୀମିତ ତା' ନୁହେଁ ବରଂ ଏହା ବାଦ୍ ବିଭିନ୍ନ ବହି ପଢ଼ିବାରେ ଅନେକେ ରୁଚି ରଖନ୍ତି; ଯାହା କି ସେମାନଙ୍କ ଜ୍ଞାନର ପରିସର ବୃଦ୍ଧି କରିବାରେ ସାହାଯ୍ୟ କରେ। ପିଲାମାନଙ୍କର ଏଭଳି ବହି ପଢ଼ା ନିଶାକୁ ନେଇ ଏଥରର ଉପସ୍ଥାପନା...



# ବହି ଆମ ବନ୍ଧୁ

ଯଦିଓ ନୂଆ ନୂଆ ଟେକ୍ନୋଲୋଜିର ବିକାଶ ହେଲାଣି, ପିଲାମାନେ କୌଣସି ନୂଆ କଥା ଜାଣିବାକୁ ବହି ଛାଡ଼ି ପ୍ରଫେସର ଗୁଗୁଲର ସାହାଯ୍ୟ ନେଉଛନ୍ତି। ହେଲେ ସିଧାସଳଖ ବହି ଧରି ପଢ଼ିବା ଦ୍ୱାରା ଏକାଗ୍ରତା ବଢ଼ିବା ସହ ବୌଦ୍ଧିକ ବିକାଶ ହୋଇଥାଏ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। ବହିରୁ କେବଳ ଯେ, କୌଣସି ବିଷୟରେ ବିସ୍ତୃତ ଭାବରେ ତଥ୍ୟ ମିଳିଥାଏ ତା' ନୁହେଁ ଏଥିରେ ଥିବା ଚିତ୍ର ଦ୍ୱାରା ପିଲାଙ୍କୁ ବୁଝିବା ମଧ୍ୟ ସହଜ ହୋଇଥାଏ। ତେଣୁ ଅନେକ ପିଲା ପଢ଼ା ବହି ସହିତ ଅନ୍ୟାନ୍ୟ ବହି ପଢ଼ିବାରେ ବି ରୁଚି ରଖନ୍ତି। ଜାଣନ୍ତୁ ଏ ସମ୍ପର୍କରେ କ'ଣ କୁହନ୍ତି ଏମାନେ...

### ବହି ପଢ଼ା ମୋର ନିଶା

ବହି ପଢ଼ିବା ମୋର ଏକ ପ୍ରକାର ନିଶା। ପଢ଼ା ବହିକୁ ଛାଡ଼ିଦେଲେ ବିଶିଷ୍ଟ ଲେଖକଙ୍କର ଉପନ୍ୟାସ ପଢ଼ିବାକୁ ଭଲପାଏ। ମୋତେ ମନୋଜ ଦାସଙ୍କ କାହାଣୀଗୁଡ଼ିକ ପଢ଼ିବାକୁ ଭଲ ଲାଗେ। ତାଙ୍କର ବିଭିନ୍ନ ଉପନ୍ୟାସ ଓ କାହାଣୀର କଲେକ୍ସନ ରଖିଛି। ଲକ୍ଷ୍ମୀର ଅଭିସାର ମୋର ଅତି ପ୍ରିୟ ବହି। ପାଠପଢ଼ା ସରିଗଲେ ମୁଁ ଏହିସବୁ ବହି ପଢ଼ିବାକୁ ବସିଯାଏ। ମନୋଜ ଦାସଙ୍କ ଲେଖା ପଢ଼ି ମୋତେ ବିଭିନ୍ନ ପ୍ରକାର ଗଳ୍ପ ଓ କବିତା ଲେଖିବାକୁ ଉତ୍ସାହ ମିଳେ।



*-ଅର୍ଚ୍ଚିତା ମହାପାତ୍ର, କ୍ଲାସ୍-୯, ଧଳାପଥର କଳାପଥର ବାଳିକା ଉଚ୍ଚ ବିଦ୍ୟାଳୟ, ଧଳାପଥର, କଟକ*

### ଟଙ୍କା ସଞ୍ଚୟ କରି ବହି କିଣେ

କରୋନା ସମୟରେ ବହି ପଢ଼ିବା ମୋର ହବି ହୋଇଗଲା। ମୋତେ ଓଡ଼ିଆ ଉପନ୍ୟାସଠାରୁ ଆରମ୍ଭ କରି ଇଂଲିଶରେ ବିଭିନ୍ନ କାହାଣୀ, କବିତା ଓ ଭୂତଗପ ପଢ଼ିବା ପାଇଁ ଭଲ ଲାଗେ। ମାସକୁ କିଛି ଟଙ୍କା ସଞ୍ଚୟ କରି ବହି କିଣେ। ବିଭିନ୍ନ କଥାକାରଙ୍କଠାରୁ ଆରମ୍ଭ କରି ଗାଳ୍ପିକ, ଲେଖକଙ୍କ ପ୍ରତିଟି ବହିକୁ ଆଲମାରୀରେ ସାଇତି ରଖିଛି।



*-ପିଣ୍ଟୁ ହଲୱା, କ୍ଲାସ୍-୧୦, ସାଙ୍ଗନା ଉଚ୍ଚ ବିଦ୍ୟାଳୟ, ଲକ୍ଷ୍ମୀପୁର, କୋରାପୁଟ*

## କଳ୍ପନା ଶକ୍ତି ବଢ଼ାଏ ବହି ପଢ଼ା



ପାଠ୍ୟକ୍ରମ ବ୍ୟତୀତ ପିଲାଙ୍କୁ ଆମେ ବିଭିନ୍ନ ପ୍ରକାର ଶିଶୁ ସାହିତ୍ୟିକଙ୍କ ରଚନା ପଢ଼ିବାକୁ ଦେଇଥାଉ। ମନୋଜ ଦାସ ଓ ଡ. ରାମଚନ୍ଦ୍ର ନାୟକଙ୍କ ଗପବହି, ଉପନ୍ୟାସ, ମହାପୁରୁଷଙ୍କ ଜୀବନୀ ଇଂଲିଶରେ ରସକିନ୍ ବଣ୍ଡ ଓ ନତାଶା ଶର୍ମା ଗପ, ବିଜ୍ଞାନ, ସାଧାରଣ ଜ୍ଞାନ ଇତ୍ୟାଦି ବହି ପଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଉ। ଲାଇବ୍ରେରୀରେ ପିଲାମାନେ ଶିଶୁ ସାହିତ୍ୟ, କୁଇଜ୍, ଦେଶ ବିଦେଶର ଭ୍ରମଣ କାହାଣୀ, କମିକ୍ସ ପଢ଼ିବାକୁ ଭଲ ପାଆନ୍ତି। ଗଣିତ, ବିଜ୍ଞାନ, ଭୂଗୋଳ, ଇତିହାସ, ଅର୍ଥନୀତି ସମ୍ବନ୍ଧୀୟ ବ୍ୟାପକ ପଠନ ଫଳରେ ପିଲାମାନଙ୍କର ଚିନ୍ତା ଓ କଳ୍ପନା ଶକ୍ତିର ବୃଦ୍ଧିହୁଏ ଏବଂ ପର୍ଯ୍ୟବେକ୍ଷଣ, ଅନୁଶୀଳନ ଓ ବିଶ୍ଳେଷଣ ଶକ୍ତିର ମଧ୍ୟ ବୃଦ୍ଧି ହୋଇଥାଏ। ଗାଳ୍ପିକ ଓ ଶିଶୁ ସାହିତ୍ୟିକମାନଙ୍କ ଉପନ୍ୟାସ ଓ ଗପ ପଢ଼ିବା ଦ୍ୱାରା ସେମାନଙ୍କର ବୌଦ୍ଧିକ ବିକାଶ ହେବା ସହ ସୃଜନଶୀଳତା ବଢ଼ିଥାଏ। ପିଲାମାନେ ଫକୀରମୋହନ ଦାସ, ଗଦାଧର ମେହେର, ମାୟାଧର ମାନସିଂହ, ଗୋପବନ୍ଧୁ ଦାସ, ରାଧାନାଥ ରାୟ, ହରେକୃଷ୍ଣ ମହତାବ, ଉପେନ୍ଦ୍ର ଭଞ୍ଜ, ଭୀମଭୋଇ, କୁନ୍ତଳା କୁମାରୀ ସାବତ, କୁଞ୍ଜବିହାରୀ ଦାସ ଆଦିଙ୍କ କବିତା ଓ ଉପନ୍ୟାସ ପଢ଼ିବା ଦ୍ୱାରା ସେମାନଙ୍କର ଓଡ଼ିଆ ଶବ୍ଦରେ ଭାଷାଜ୍ଞାନ ବଢ଼ିବା ସହ ପ୍ରତିଟି ଶବ୍ଦକୁ କାହାଣୀ ମାଧ୍ୟମରେ ମନେ ରଖି ପାରନ୍ତି।

*- ବିକାଶ କୁମାର ରାଉଳ, ଆସିଷ୍ଟାଣ୍ଟ ଶିକ୍ଷକ, ବାଘାଯତୀନ୍ ସରକାରୀ ଉଚ୍ଚବିଦ୍ୟାଳୟ, ଓଡଙ୍ଗୀ, ବାଲେଶ୍ୱର*




### ବହି ପଢିଲେ ଖୁସି ଲାଗେ

ମୁଡ୍ ଫ୍ରେସ୍ କରିବାକୁ ଲାଗି ବହି ପଢିବା ସବୁଠୁ ଭଲ ଉପାୟ ବୋଲି ମୁଁ ଭାବେ। ସେଥିପାଇଁ ସ୍କୁଲ୍ ସାର୍ଙ୍କ ସହ କଥା ହୋଇ ୩ଦିନରେ ଥରେ ଲାଇବ୍ରେରୀରୁ ବହି ଆଣି ପଢେ। ସାର୍ ବି ବାଛି ବାଛି ମୋତେ ଭଲ ବହି ପଢିବାକୁ ଦିଅନ୍ତି। ଏଇଟା ମୋର ଏକ ପ୍ରକାର ନିଶା ହୋଇଗଲାଣି କହିଲେ ଚଳେ। ପଢା ବହି ସହିତ ଗଳ୍ପ ଓ କବିତା ବହି ବି ଅଧିକ ପଢେ।



*-ଆୟୁଷ ମହାକୁଲ, କ୍ଲାସ୍-୯, କେନ୍ଦ୍ରୀୟ ବିଦ୍ୟାଳୟ, ଅନୁଗୁଳ*

### ଫାଙ୍କା ଥିଲେ ପଢିବାକୁ ଲାଇବ୍ରେରୀ ଯାଏ

ଛୋଟବେଳେ ମୋତେ ପଞ୍ଚତନ୍ତ୍ର, ଜହ୍ନମାମୁଁ ଓ ବିକ୍ରମ ବେତାଳ କାହାଣୀ ପଢିବା ପାଇଁ ଭଲ ଲାଗୁଥିଲା। ମୋର ଫେବରଟ୍ ଗପ ବହି ଥିଲା ଅବୋଲକରା କାହାଣୀ। ତା'କୁ ସବୁଠୁ ବେଶୀ କିଣେ। ଅପରାହ୍ନ ସମୟରେ ଘର ପାଖରେ ଥିବା ଲାଇବ୍ରେରୀକୁ ବହି ପଢିବାକୁ ଯାଏ। ଯେତେବେଳେ ଆମ ସହରରେ ପୁସ୍ତକ ମେଳା ହୁଏ, ସାଙ୍ଗମାନଙ୍କ ସହ ବୁଲିବାକୁ ଯାଏ ଓ ସେଠାରୁ ବିଭିନ୍ନ ପ୍ରକାର ବହି କିଣି ଆଣେ।



*-ପ୍ରତୀକ୍ଷା ଜେନା, କ୍ଲାସ୍-୧୦, ଜୟରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲେଶ୍ୱର*



**ଆଦ୍ୟା ତ୍ରିପାଠୀ**
କ୍ଲାସ– ୧, ସେଣ୍ଟ ଜୋଶେଫ୍ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର
୧

**କାବ୍ୟା ବେହେରା**
କ୍ଲାସ– ୨, ପାୱାର ପବ୍ଲିକ ସ୍କୁଲ, ନାନ୍ଦେଡ ସିଟି, ପୁଣେ, ମହାରାଷ୍ଟ୍ର
୨





**ଅରୋମିରା ସ୍ୱୟଂପ୍ରଭା**
କ୍ଲାସ– ୫, ସାଇ ଇଣ୍ଟର ନ୍ୟାସନାଲ ସ୍କୁଲ, ଭୁବନେଶ୍ୱର
୩

**ମାହିକା ଭରଦ୍ୱାଜ**
କ୍ଲାସ– ୧, ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ୍ ସ୍କୁଲ, ପଟିଆ, ଭୁବନେଶ୍ୱର
୪





**ସୋହମ ସାଗର ରାଉତ**
କ୍ଲାସ– ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନର୍ଲା, କଳାହାଣ୍ଡି
୫

**ଅନମୋଲ ଅନିକେତ**
କ୍ଲାସ– ୩, ଦିଲ୍ଲୀ ପବ୍ଲିକ ସ୍କୁଲ, ଭାଇଜାଗ ଷ୍ଟିଲ୍, ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ
୬





**ସ୍ୱୟଂଶ୍ରୀ ବେହେରା**
କ୍ଲାସ– ୭, ଷ୍ଟିୱାର୍ଟ ସ୍କୁଲ, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର
୭

**ସୁମେଧା ମିଶ୍ର**
କ୍ଲାସ– ୮, ଜାଭିୟର ହାଇସ୍କୁଲ, ରସୁଲଗଡ଼, ଭୁବନେଶ୍ୱର
୮





**ଆୟୁଷ କୁମାର ଦାସ**
କ୍ଲାସ– ୧, ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ, ବାଲେଶ୍ୱର
୯

**ନିବେଦିତା ଗଉଡ**
କ୍ଲାସ– ୯, ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ, ଭୀମକେଲା, କଳାହାଣ୍ଡି
୧୦






୧



୨



୩



୪



୫



୬



୭



୮



୯



୧୦




## ମାଟି କଣ୍ଢେଇ

**ମା**ଟିରେ ଗଢ଼ା ତୁ ମାଟି କଣ୍ଢେଇ
ଭଳି ଭଳି ଛାଞ୍ଚେ ହେଉ ସଜେଇ ।
ଝଟକେ ନିଖୁଣ ଚାହାଁଣି ତୋର
ରହିଛି ସତେ କି ଯାଦୁ ଶିଳ୍ପୀର ।
ରଙ୍ଗେଇ ହେଉ ତୁ କେତେ ରଙ୍ଗରେ
ମନ ଲାଖିଯାଏ ଦେଖି ତାହାରେ ।
ବାଳୁତର ପ୍ରିୟ ଖେଳନା ତୁହି
ଖେଳି ଖେଳି କାଳ ଦିଅନ୍ତି ବାହି ।
ସାଇତି ସଜାଇ ତୋତେ ଯତନେ
ସହର ବଜାର ଅବା ଘରୋଇ ସ୍ଥାନେ ।
ଦେଖିଲେ ତୋଠାରୁ ଫେରେନା ଆଖି
ବିନ୍ଧାଣିର ତୂଳୀମୁନ ସେ ସାକ୍ଷୀ ।

**–ଦେବାଶିଷ ରଥ**
ରାମେଶ୍ୱର, ଖୋର୍ଦ୍ଧା

## ନାଲିଆ କଙ୍କି

**ବା**ଡ଼ରେ ବସିଛି ନାଲିଆ କଙ୍କି
ଲାଞ୍ଜଟି ତାହାର ଯାଇଛି ବଙ୍କି,
ଯାଉଛି ଧରିବି ଥିଇରି ତାକୁ
ଖେଳିବି ସାଥିରେ ଦେବିନି କା'କୁ,
ଖେଳିସାରି ପାଖୁ ଆଣିବି ଟାଣି
ଦେବି ଶରଧାରେ ପିଆଇ ପାଣି,
ମୁଣ୍ଡକୁ ସେନେହେ ଆଉଁସି ଦେଇ
ପଳେଇବି ସାଥେ ଘରକୁ ନେଇ,
ଲକି ରୀତା ମିତା ହୋଇବେ ଖୁସି
ମନିଯିବେ ଯାଇଥିଲେ କେ ରୁଷି,
ତା ସାଥିରେ ସବୁ ସଙ୍ଗାତ ହୋଇ
ଖେଳି,ବୁଲି ଯିବେ ଯତନେ ଶୋଇ,
ଲାଗିବେନି ନିଜ ଭିତରେ କଳି
ଏକାଠି ରହିବେ ପିମ୍ପୁଡ଼ି ଭଳି,
ବହୁ ଉପକାର ମୋହର ହେବ
ସାଥେ ତୁହି ଗଲେ କାମଟି ଦେବ ।

**–ଧୀରେନ୍ଦ୍ର ମଲ୍ଲିକ**
ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର

## ଗଛ ଆମ ମିତ

**ଗ**ଛଟିଏ ସେତ ଗଛଟିଏ
ଭାରି ଉପକାରୀ ମିତ ସିଏ
ଅମ୍ଳଜାନ ଦିଏ ନିଇତି ଆମକୁ,
ଅଙ୍ଗାରକାମ୍ଳକୁ ଶୋଷିନିଏ ।
ପଥିକ ଭାଇର ସାଥିଟିଏ
ମିଠା ମିଠା ଫଳ ଦିଏ ସେ ଆମକୁ,
ଡାଳେ ତାର ପକ୍ଷୀ ବସାକରେ ।
ମାଟିକୁ ଜାବୁଡ଼ି ଧରେ ସିଏ
ବୃକ୍ଷ ବିନା ଆମେ ବଞ୍ଚିବାନି କେହି,
ଭାରି ଉପକାରୀ ମିତଟିଏ ।
ପରିବେଶ ରକ୍ଷା କରେ ସିଏ
ତା'ବିନା ବରଷା ହୁଏନା ଧରାରେ,
ଚାଷୀଭାଇ ମନ ଖୁସି ହୁଏ ।

**–କନ୍ଦର୍ପ ବେହେରା**
କବି କୁଟିର, ଡଇଁଚା, ରେଢ଼ାଖୋଲ,
ସମ୍ବଲପୁର



## ବଢ଼ିଲାଣି ଖରା

**ସୂ**ରୁଜ ଦେବତା କଲେଣି କୋପ
ଟାଇଁ ଟାଇଁ ଖରା ବଢ଼ଇ ତାପ
ଗମ୍ ଗମ୍ ହୋଇ ବହଇ ଝାଳ
ଶୁଖିଲାଣି ସବୁ ନଈ ଓ ନାଳ ।
ସାଇଁ ସାଇଁ ବହେ ଝାଞ୍ଜିପବନ
ଡହଳ ବିକଳ ଜନଜୀବନ
ମୁଣ୍ଡଫଟା ଖରା ନହୁଏ ସହି
ଖାଇବାକୁ ଭଲ ପଖାଳ,ଦହି ।
ପଇଡ଼, କାକୁଡ଼ି, ସରବତ, ଲସି
ଖାଇବାକୁ ଭାରି ଲାଗଇ ଖୁସି
ଆମ୍ବ, ତରଭୁଜ, ପଣସ, ବେଲ
ବଗିଚାରେ କେତେ ଫଳ ଓ ଫୁଲ ।
ଖରାରେ ବାହାରେ ନ ଯିବା କେହି
ଗଲେ ଯିବା ପାଣି ସାଙ୍ଗରେ ନେଇ
ଛତା,ଜୋତା,ଟୋପି ସାଙ୍ଗରେ ନେଲେ
ଅଂଶୁଘାତ ଭୟ ନ ଥିବ ପିଲେ ।

**–ଅନୁଲିପ୍ତା ମିଶ୍ର**
ସହକାରୀ ଶିକ୍ଷୟିତ୍ରୀ,ମହିଳୋ, ଜଗତ୍‌ସିଂହପୁର

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ସର୍ବକନିଷ୍ଠ ତବଲା ମାଷ୍ଟର

ପିଲାମାନେ, ତୁମ ମଧ୍ୟରୁ କାହାକୁ ମ୍ୟୁଜିକାଲ ଇନ୍‌ଷ୍ଟ୍ରୁମେଣ୍ଟ ବଜାଇବା ପାଇଁ ଭଲ ଲାଗେ । ଜାଣିରଖ ତୃପ୍ତରାଜ ପାଣ୍ଡ୍ୟା ମାତ୍ର ୬ବର୍ଷ ବୟସରେ ତବଲା ମାଷ୍ଟର ଭାବେ ଗିନିଜ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି । ମୁମ୍ବାଇର ତୃପ୍ତରାଜ ୨ବର୍ଷ ବୟସରେ ତବଲା ବଜାଇବା ଆରମ୍ଭ କରିଥିଲେ । ସେ ଛୋଟବେଳୁ ଜେଜେମାଆଙ୍କ ପାଖରେ ବସି ଆଧ୍ୟାତ୍ମିକ ଗୀତ ଶୁଣୁଥିଲେ । ଧୀରେ ଧୀରେ ସେହି ଗୀତର ତାଳେ ତାଳେ ଆଲୁମିନିୟମ ଡବା ଧରି ବଜାଉଥିଲେ । ସେ ପିଲାଟି ଦିନରୁ ଫୋକ୍ ଓ ଆଧ୍ୟାତ୍ମିକ ସଙ୍ଗୀତରେ ତବଲା ବଜାଇ ପରିବେଷଣ କରୁଥିଲେ । ୩ବର୍ଷ ବୟସରେ ସେ ଅଲ୍ ଇଣ୍ଡିଆ ରେଡିଓରେ ତବଲା ବାଦନ କରିଥିଲେ । ୪ବର୍ଷରେ ଦୂରଦର୍ଶନର ଏକ ପ୍ରୋଗ୍ରାମରେ ଭାଗ ନେଇ ଅନେକ ପ୍ରଶଂସା ସାଉଁଟି ଥିଲେ । କମ୍ ବୟସରେ ସେ ୨୦୦ରୁ ଅଧିକ କାର୍ଯ୍ୟକ୍ରମରେ ଭାଗ ନେଇ ତବଲା ବାଦନ କରି ସାରିଛନ୍ତି ।



## ଏଥରର

- ପୃଥିବୀର ବୃହତ୍ତମ ଦେଶ କେଉଁଟି ?
- ସବୁଠାରୁ କ୍ଷୁଦ୍ର ଦେଶର ନାମ କ'ଣ ?
- ପୃଥିବୀର ବୃହତ୍ତମ ମହାଦେଶ କେଉଁଟି ?
- କ୍ଷୁଦ୍ରତମ ମହାଦେଶର ନାମ କ'ଣ ?
- କେଉଁଟି ପୃଥିବୀର ବୃହତ୍ତମ ମହାସାଗର ?

## ଗତଥରର

ଉ ଉ ଉ

- ଜାଭେଲିନ୍ ଥ୍ରୋ
- ପି.ଟି. ଉଷା
- ବିକାଶ ଗୌଡା
- ବକ୍ସିଂ
- ଦ୍ୟୁତୀ ଚାନ୍ଦ



## କହିଲ ଦେଖି

ଝଙ୍କାଳିଆ ଦେହ ଅଟଇ ତାହାର
ଡାଳ ତା ପତର ଭରା
କି ଖରା ବରଷା ଶୀତ ସବୁଦିନେ
ତା ଲାଗି ସୁନ୍ଦର ଧରା
ଦିଏ ସେ ଶୀତଳ ଛାଇ
ତା ଛାଇରେ ଯିଏ ଘଡ଼ିଏ ରୁହଇ
ଆସେ ନିଦ ସାଥେ ହାଇ
ତା ନାମ କହିଲ ଭାଇ ?

ଉ– **ବରଗଛ**



ଖରାଦିନ ହେଲେ ଖୋଜା ପଡ଼େ ତାକୁ
ଶୀତଳ ବୋଲି ତା ଜଳ
ଶୋଷିଲା ପେଟରେ ପିଇଲେ ସେ ଜଳ
ଦେହେ ଖେଳିଯାଏ ବଳ
ନୁହେଁ ସେ ଶୀତଳ କଳ
ନାଆଁଟି ତାହାର କୁହ ପିଲେ ଭାବି
ଭାରି ସିଏ ନିରିମଳ ।

ଉ– **ଜଳଛତ୍ର**



ପିଇଲେ ତା ରସ ଏଇ ଖରାଦିନେ
ପେଟକୁ ଅଟଇ ଭଲ
ଆଈ କହୁଥାନ୍ତି ଡେରି ନ କରିକି
ବଜାରୁ ଆଣିବ ଗଲ
ଆଣିଲେ କରିବା ପଣା
ପିଲାଠାରୁ ବୁଢ଼ା ସେ ପଣା ପିଇବା
ପାଇଁ ହୋଇଥାନ୍ତି ବଣା
କୁହ ତା ନାଆଁଟି କିସ
ତା ରସେ ସଭିଏଁ ହେଉଥାନ୍ତି ବାଇ
ହେଉ ନର ସୁର ଈଶ ।

ଉ– **ବେଲପଣା**



**–ଅଶୋକ କୁମାର ପ୍ରଧାନ**
ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ରୋହିଗାଁ, ଗଞ୍ଜାମ
ମୋ–୮୨୪୯୧୧୯୧୩୦





## ସିଙ୍ଗାପୁର

ପୃଥିବୀରେ ରହିଛି ତିନୋଟି ସିଟି-ଷ୍ଟେଟ୍ ମୋନାକୋ, ଭାଟିକାନସିଟି ଓ ସିଙ୍ଗାପୁର। କିନ୍ତୁ ଯାହାର କୌଣସି ରାଜଧାନୀ ନାହିଁ। ତେବେ ଏହାର ନାମ ଏପରି ରଖାଯିବା ପଛରେ ରହିଛି ଏକ କାହାଣୀ । ପାଲେମ୍ବାଙ୍ଗ୍‌ର ରାଜା ସ୍ୟାଙ୍ଗ୍ ନିଲା ଉତାମା ଥରେ ଏହି ଆଇଲାଣ୍ଡରେ ଏକ ଜୀବ ବୁଲୁଥିବାର ଦେଖି ତାହାକୁ ସିଂହ ଭାବିଥିଲେ । ତେଣୁ ଏହାକୁ ସିଙ୍ଗପୁରା ଭାବେ ନାମିତ କରିଥିଲେ, ଯାହାର ଅର୍ଥ ଥିଲା ଲାୟନ ସିଟି ବା ସିଂହ ସହର। କ୍ରମଶଃ ଏହା ପରିବର୍ତ୍ତିତ ହୋଇ ସିଙ୍ଗାପୁରରେ ପରିଣତ ହୋଇଛି। ହେଲେ ସବୁଠୁ କୌତୂହଳ ବିଷୟ ହେଉଛି ଏଠାରେ ଆଦୌ ସିଂହ ନାହାନ୍ତି।



## ସବୁଠୁ ଦାମୀ ପାଣି ବୋତଲ

ଆକ୍ୱା ଡି କ୍ରିଷ୍ଟାଲୋ ଟ୍ରିବ୍ୟୁଟୋ ଏ ମୋଡିଗ୍ଲିଆନି ପୃଥିବୀର ସବୁଠୁ ଦାମୀ ପାଣି ବୋତଲ। ମାତ୍ର ୭୫୦ମିଲି ପାଣି ଥିବା ଏହି ଗୋଟିଏ ବୋତଲର ଦାମ୍ ୬୦,୦୦୦ ଡଲାର ଅର୍ଥାତ୍ ୪୨,୪୩,୧୬୦ ଟଙ୍କା। ଯେଉଁଥିପାଇଁ ଏହା ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଛି। ତେବେ ଫ୍ରାନ୍ସ ଏବଂ ଫିଜିରେ ମିଳୁଥିବା ଏହି ବୋତଲର ଦାମ୍ ଅଧିକ ହେବା ପଛର ମୁଖ୍ୟ କାରଣ ଏଥିରେ ଲାଗିଥିବା ୨୪ କ୍ୟାରେଟ୍ ସୁନା ଏବଂ ଅନ୍ୟ ମୂଲ୍ୟବାନ୍ ଧାତୁ।

## ପୁରୁଣା ଜାତୀୟ ପତାକା

ପୃଥିବୀର ସବୁଠୁ ଓଲ୍ଡ ଫ୍ଲାଗ୍ ବା ପୁରୁଣା ପତାକା ହେଉଛି ଡେନ୍‌ମାର୍କର ଜାତୀୟ ପତାକା 'ଡାନେବ୍ରଗ୍'। ପ୍ରାୟ ୧୦୦୦ ବର୍ଷ ତଳେ ଅର୍ଥାତ୍ ୧୨୧୯ ମସିହାରେ ପ୍ରସ୍ତୁତ ହୋଇଥିବା ମୂଳ ପତାକାଟି ଏପର୍ଯ୍ୟନ୍ତ ସେଠାରେ ରହିଛି। ତେବେ ସବୁଠୁ ଅଧିକ ଦିନ ଧରି ରହି ଆସିଥିବା ଫ୍ଲାଗ୍ ଭାବେ ଏହା ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି।



## ଆମ ମସ୍ତିଷ୍କ

ମଣିଷ ମସ୍ତିଷ୍କର ସାଧାରଣ ଓଜନ ୩ ପାଉଣ୍ଡ ବା ୧୪୦୦ ଗ୍ରାମ୍। ମହିଳାଙ୍କ ତୁଳନାରେ ପୁରୁଷଙ୍କ ମସ୍ତିଷ୍କ ୧୦% ବଡ଼। ହେଲେ ମହିଳାଙ୍କ ମସ୍ତିଷ୍କର ହିପୋକ୍ୟାମ୍ପସ୍(ସ୍ମରଣଶକ୍ତି ସହ ଜଡ଼ିତ ମସ୍ତିଷ୍କର ଏକ ଅଂଶ) ପୁରୁଷଙ୍କଠାରୁ ଅପେକ୍ଷାକୃତ ବଡ଼। ତେବେ ଏକ କୌତୂହଳପୂର୍ଣ୍ଣ କଥା ହେଉଛି, ଲଣ୍ଡନରେ ଥିବା ୨୫,୦୦୦ ସହରର ରାସ୍ତା ମନେ ରଖିବାରେ ହେଉଥିବା ମାନସିକ ବ୍ୟାୟାମ ଯୋଗୁ ସେଠାକାର କ୍ୟାବ୍ ଡ୍ରାଇଭରଙ୍କର ହିପୋକ୍ୟାମ୍ପସ୍ ପୃଥିବୀର ଅନ୍ୟମାନଙ୍କ ତୁଳନାରେ ବଡ଼।




## ପକ୍ଷୀ ମଳରୁ ତିଆରି କଫି

ପୃଥିବୀର ବିଭିନ୍ନ ସ୍ଥାନରେ ମିଳୁଥିବା କଫି ମଧ୍ୟରୁ ବ୍ରାଜିଲ୍‌ର ଜାକୁ ବାର୍ଡ କଫି ଅନ୍ୟତମ। କାରଣ ଏହା ବ୍ରାଜିଲ୍‌ର ଏକ ବିଲୁପ୍ତପ୍ରାୟ ଜାକୁ ପକ୍ଷୀର ମଳରୁ ପ୍ରସ୍ତୁତ ହେଉଥିବା ବେଳେ ଏହାର ଦାମ୍ କିଲୋ ପିଛା ଏକ ହଜାର ଡଲାର, ଅର୍ଥାତ୍ ଭାରତୀୟ ମୁଦ୍ରାରେ ୭୨ ହଜାର ଟଙ୍କା। ସୂଚନା ମୁତାବକ ଏହି କଫି ଚାଷ ପ୍ରାୟ ୨୦୦୦ ମସିହା ବେଳକୁ ଆରମ୍ଭ ହୋଇଥିଲା।

# ଆ ଇ ନା



ଲକ୍ଷ୍ମୀପ୍ରିୟା ମଲ୍ଲିକ
୧୩ ବର୍ଷ / ତାଳଚେର



ସୂର୍ଯ୍ୟାଂଶ କୁମାର
୭ ବର୍ଷ / ଭୁବନେଶ୍ୱର